'ଅପହଞ୍ଚ ଇଲାକାରେ ଶିକ୍ଷାର କିରଣ ବିଚ୍ଛୁରିତ କରିବ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ'

ଅନୁଗୋଳ, ୨୦୧୮ (ନିପ୍ର): ରାଜ୍ୟର ଅପହଞ୍ଚ ଇଲାକାରେ ଶିକ୍ଷାର କରିଣ ବିଚ୍ଛୁରିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ଗଠନ କରାଯାଇଛି ଏବଂ ଏହା ଏକ ଛାତ୍ରଛାତ୍ରୀ ଅନୁମୋଦିତ ଶିକ୍ଷା ବ୍ୟବସ୍ଥା ବୋଲି ଭାଇସ୍ ଚାନ୍‌ସେଲର ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି । ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ଏହି ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଶିଶୁ ଅବସ୍ଥାରେ ରହିଛି, ମାତ୍ର ଆଗାମୀ ବର୍ଷଠାରୁ ଏଠାରେ ଡିପ୍ଲୋମା ସହ ମାଷ୍ଟର ଡିଗ୍ରୀ ପ୍ରଦାନ କରାଯିବାର ପ୍ରୟାସ ଆରମ୍ଭ ହୋଇଯାଇଛି ବୋଲି ପ୍ରଫେସର ମହାପାତ୍ର ସୂଚନା ଦେଇଛନ୍ତି । ଏହି ଶିକ୍ଷା ବ୍ୟବସ୍ଥାରେ ବୟସ ଆଦୌ ବାଧକ ସାଜିବ ନାହିଁ ଏବଂ କର୍ମକ୍ଷେତ୍ରରେ ଓ ଜୀବନ ଜୀବିକା ମଧ୍ୟରେ ରହି ଯେକୌଣସି ବ୍ୟକ୍ତି ଶିକ୍ଷା ଲାଭ ସହ ଡିଗ୍ରୀ ପାଇପାରିବେ ବୋଲି ସେ କହିବା ସହ ଶିକ୍ଷା ବ୍ୟବସ୍ଥାର ନିର୍ଦ୍ଧାରିତ ନିର୍ଘଣ୍ଟରେ କୌଣସି କୋହଳ ମନୋଭାବ ପୋଷଣ କରାଯାଇ ପାରିବ

ନାହିଁ ବୋଲି ଆଜି ଅନୁଷ୍ଠିତ ଓଏସ୍‌ଓୟୁର ୨୦୧୭-୧୮ ଶିକ୍ଷାବର୍ଷର ଅଧିଷ୍ଠାନ ସଭାରେ ସ୍ପଷ୍ଟ କରିଦେଇଛନ୍ତି ।

ସ୍ଥାନୀୟ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟର ସମ୍ମିନଳୀ କକ୍ଷରେ ଓଏସ୍‌ଓୟୁ କେନ୍ଦ୍ର ସଂଯୋଜକ ପ୍ରଫେସର ବସନ୍ତକୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁକୁମାର ସର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଠାରେ ଏହି ମୁକ୍ତ ବିଶ୍ୱବିଦ୍ୟାଳୟର ଏକ ଆଞ୍ଚଳିକ କେନ୍ଦ୍ର ତୁରନ୍ତ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଭିତ୍ତିକ ଦାହି କରିଥିଲେ । ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ଅତିକ୍ରମ କରି ମୁକ୍ତ ବିଶ୍ୱବିଦ୍ୟାଳୟ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରରେ ଗଠନ କରାଯାଇଛି ଏବଂ ଏହା ଶିକ୍ଷାର ବିକେନ୍ଦ୍ରୀକରଣ ସହ ଶିକ୍ଷା ଗଣତାନ୍ତ୍ରିକରଣ ହୋଇପାରିଛି ବୋଲି ଶ୍ରୀ ସର ମତବ୍ୟକ୍ତ କରିଛନ୍ତି । ଇଦିରାଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ଓଏସ୍‌ଓୟୁ ଏକ ଏମ୍‌ଓୟୁ ସ୍ୱାକ୍ଷର କରି ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ଗୁଣବତ୍ତା କରିପାରିଛି ବୋଲି ସେ ସୂଚନା ଦେଇ ଏହା ଶିକ୍ଷକ ବଦଳରେ ଶିକ୍ଷାର୍ଥି କେନ୍ଦ୍ରୀୟ ବା ପ୍ରାଧାନ୍ୟ ଶିକ୍ଷା ବ୍ୟବସ୍ଥା ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ।

ସେହିପରି ଏହି ସଭାରେ ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନର ମୁଖ୍ୟ ପ୍ରଫେସର ବିନୁୟ ପ୍ରଧାନ ଯୋଗଦେଇ ମୁକ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଏକ କାଳାଗତ ପରିବର୍ତ୍ତନ ଏବଂ ଏହାହିଁ ଶିକ୍ଷା ବିକାଶ କରିପାରିବ ବୋଲି ପ୍ରକାଶ କରିଛନ୍ତି । ଇଗ୍ନୋ ସେଣ୍ଟର ଜୋ ଅର୍ଡିନେଟର ପ୍ରଫେସର ବିଭରଞ୍ଜନ ଦ୍ୱିବେଦୀ ଏହି ସଭାରେ ଯୋଗଦେଇ ଦୂର ଅଣପାରମ୍ପରିକ ଶିକ୍ଷା ବ୍ୟବସ୍ଥାର ସୁଫଳ ସମସ୍ତ ଶିକ୍ଷାର୍ଥୀ ପାଇପାରିବା ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଛନ୍ତି ।

ଆଜି ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥି, କାରଣ୍ଡସେଲର ଓ ଶିକ୍ଷାବିତ୍ତଙ୍କ ସହ ଭରପୁର ସମ୍ମିଳନୀ କକ୍ଷରେ ସଭାପତି ଚକ୍ରର ବସନ୍ତକୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଶିକ୍ଷାର୍ଥିଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆଜିର ଏହି ୦୧୦୧ ଶିକ୍ଷାକେନ୍ଦ୍ରର ଅଧିଷ୍ଠାନ ସଭା ଅବସରରେ ଏଠାରେ ଶିକ୍ଷା ଲାଭ କରିଥିବା ବଳିନା ମିଶ୍ର ଓ ସୁଶାନ୍ତ କୁମାର ସାହୁଙ୍କୁ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ ବ୍ୟତୀତ ସମସ୍ତ ପଞ୍ଜିକୃତ ଛାତ୍ରଛାତ୍ରୀଙ୍କୁ ଓଏସ୍‌ଓୟୁ ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା । ସାମ୍ବାଦିକ ସୁବାସଚନ୍ଦ୍ର ସାହୁ ସାମ୍ବାଦିକ ପାଠ୍ୟକ୍ରମରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ସମାଜ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରି ଶିକ୍ଷା ବ୍ୟବସ୍ଥାର ଗୁଣବତ୍ତା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ବଜାୟ ରଖିବା ପାଇଁ ଆହ୍ୱାନ ଜଣାଇଥିଲେ । କାରଣ୍ଡସେଲର ବୃଷ୍ଣ କହେଲା ଆଜାରି ଧନ୍ୟବାଦ ପ୍ରଦାନ କରିଥିଲେ ।